
JioMart.com
Presents
JioMart
ପୂଜା
ରେଡ଼ି ସେଲ୍
2nd - 4th Oct
ପର୍ବ ପର୍ବାଣି ପାଇଁ
ପ୍ରସ୍ତୁତ ହୁଅନ୍ତୁ ।
ଡାଉନଲୋଡ୍ କରନ୍ତୁ
ଜିଓମାର୍ଟ ଆପ୍ ବର୍ତ୍ତମାନ
Jio
ଖୋଲା HMT କୋଲମ୍ ରାଇସ୍ 1 kg
MRP ₹50
ଆମ ମୂଲ୍ୟ ₹45
ଆଶୀର୍ବାଦ ସିଲେକ୍ଟ ସରବତୀ ଅଟା 5 kg/ କୋହିନୂର ଚାରମୀନାର ବାସମତୀ ରାଇସ୍ 5 kg
ମିଶ୍ରିତ MRP ₹854
ସଞ୍ଚନ୍ତୁ ₹299
ଆମ ମୂଲ୍ୟ ₹555
ଆଶୀର୍ବାଦ ହୋଲ୍ ହ୍ୱିଟ୍ ଅଟା 5 kg
MRP ₹208
ସଞ୍ଚନ୍ତୁ ₹23
ଆମ ମୂଲ୍ୟ ₹185
ଡବଲ୍ ହିରନ୍ ସୋରିଷ ତେଲ 1 ℓ
MRP ₹148
ସଞ୍ଚନ୍ତୁ ₹15
ଆମ ମୂଲ୍ୟ ₹133
ହରଡ଼ ଡାଲି 2 kg
MRP ₹280
ସଞ୍ଚନ୍ତୁ ₹82
ଆମ ମୂଲ୍ୟ ₹198 (₹99 /kg)
ବେସନ/ ମଇଦା/ ରାୱା (500 g / 1 kg) / ଗୁଡ୍ ଲାଇଫ୍ ସୋୟା ଚଙ୍କସ୍ 200 g
MRP ₹43 ଠେଣିକି
ଆମ ମୂଲ୍ୟ ₹22 ଠେଣିକି
50% ଛାଡ଼
ମିଶ୍ରିତ/ପୂରା ମସଲା (ସମ୍ପୂର୍ଣ୍ଣ ରେଞ୍ଜ)
20%* ଛାଡ଼
*MRP ଉପରେ
ଗୁଡ୍ ଲାଇଫ୍ ଆଲମଣ୍ଡ / କାଜୁବାଦାମ୍ (W320) 500 g
MRP ₹449 / ₹499
ସଞ୍ଚନ୍ତୁ ₹124 / ₹100
ଆମ ମୂଲ୍ୟ ₹325 / ₹399
ବ୍ରିଟାନିଆ / ପାର୍ଲେ ଇଲାଇଚୀ (ସମ୍ପୂର୍ଣ୍ଣ ରେଞ୍ଜ)
MRP ₹30 ଠେଣିକି
ସର୍ବନ୍ୟୁନ 25% ଛାଡ଼
*MRP ଉପରେ
ଓମ୍‌ଫେଡ୍ ଘିଅ 1 ℓ
MRP ₹605
ସଞ୍ଚନ୍ତୁ ₹30
ଆମ ମୂଲ୍ୟ ₹575
ବିସ୍କୁଟ୍ ଲାର୍ଜ ପ୍ୟାକ୍ (ନିର୍ଦ୍ଦିଷ୍ଟ ପ୍ରକାର)
MRP ₹60 ଠେଣିକି
ଆମ ମୂଲ୍ୟ ₹40 ଠେଣିକି
33% ଛାଡ଼
ଚକୋଲେଟ୍ ହୋମ୍ ପ୍ୟାକ୍‌ସ କାର୍ଡ଼ବରୀ ଡେରି ମିଲ୍‌କ / ପର୍କ/ ଫାଇଭ୍ ଷ୍ଟାର୍ /ମଞ୍ଚ୍ ମହା/ କିଟ୍ କ୍ୟାଟ୍ 126 g ଠେଣିକି
MRP ₹99 ଠେଣିକି
ଆମ ମୂଲ୍ୟ ₹66 ଠେଣିକି
33% ଛାଡ଼
ପ୍ରଭୁଜୀ ନମକୀନ୍ 200 g (ନିର୍ଦ୍ଦିଷ୍ଟ ପ୍ରକାର)
MRP ₹55 ଠେଣିକି
ଆମ ମୂଲ୍ୟ ₹37 ଠେଣିକି
33% ଛାଡ଼
ୟିପି ମ୍ୟାଜିକ୍ ମସାଲା/ ଟପ୍ ରାମେନ୍ ମସାଲା/ଚିଙ୍ଗସ୍ ସିକ୍ରେଟ୍ ନୁଡ଼ଲ୍‌ସ୍ 240 g ଠେଣିକି
MRP ₹60 ଠେଣିକି
ଆମ ମୂଲ୍ୟ ₹40 ଠେଣିକି
33% ଛାଡ଼
ଟାଟା ଟି ପ୍ରିମିଅମ୍ ଡଷ୍ଟ୍ ଚା' 500 g
MRP ₹220
ଆମ ମୂଲ୍ୟ ₹185
ସଞ୍ଚନ୍ତୁ ₹35
ସ୍ପ୍ରାଇଟ୍ / ଥମ୍‌ସ୍ ଅପ୍ 750 ml
MRP ₹38 ଠେଣିକି
ଆମ ମୂଲ୍ୟ ₹29 ଠେଣିକି
25% ଛାଡ଼
କେଲୋଗ୍‌ସ କର୍ନ ଫ୍ଲେକ୍‌ସ 1.2 kg
MRP ₹425
ଆମ ମୂଲ୍ୟ ₹299
ସଞ୍ଚନ୍ତୁ ₹126
କ୍ଲୋଜ୍-ଅପ୍/କୋଲଗେଟ୍ ମାକ୍ସଫ୍ରେଶ୍/ ସ୍ୱର୍ଣ୍ଣ ବେଦଶକ୍ତି/ପେପ୍‌ସୋଡେଣ୍ଟ ଜର୍ମିଚେକ୍ ଟୁଥ୍ ପେଷ୍ଟ/ମେଶୱାକ ଫ୍ୟାମିଲୀ ପ୍ୟାକ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹95 ଠେଣିକି
ଆମ ମୂଲ୍ୟ ₹63 ଠେଣିକି
33% ଛାଡ଼
ଡଭ୍/ ପେଅର୍ସ/ ଲକ୍ସ ସଫ୍ଟ/ ଭେଲଭେଟ୍ ଟଚ୍/ ଗୋଦରେଜ୍ No. 1 ସୋପ୍ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹102 ଠେଣିକି
ଆମ ମୂଲ୍ୟ ₹68 ଠେଣିକି
33% ଛାଡ଼
ପ୍ୟାଣ୍ଟିନ/ଡଭ୍/ହେଡ୍ ଆଣ୍ଡ ଶୋଲ୍‌ଡର୍ସ ଶାମ୍ପୁ 340 ml (କିଟେଡ୍ ପ୍ୟାକ୍)
MRP ₹220 ଠେଣିକି
ଆମ ମୂଲ୍ୟ ₹146 ଠେଣିକି
33% ଛାଡ଼
ପୁରୁଷ ଏବଂ ମହିଳା ଡିଓ 120 ml ଠେଣିକି (କିଟେଡ୍ ପ୍ୟାକ୍)
MRP ₹200 ଠେଣିକି
ଆମ ମୂଲ୍ୟ ₹100 ଠେଣିକି
50% ଛାଡ଼
ହ୍ୱିସ୍‌ପର/ଷ୍ଟେଫ୍ରୀ ସାନିଟାରୀ ପ୍ୟାଡ୍‌ସ (ନିର୍ଦ୍ଦିଷ୍ଟ ପ୍ରକାର)
MRP ₹430 ଠେଣିକି
ଆମ ମୂଲ୍ୟ ₹280 ଠେଣିକି
ସଞ୍ଚନ୍ତୁ ₹150
ଲାଇଜୋଲ୍ ଡିସ୍‌ଇଂଫେକ୍ଟାଣ୍ଟ ଫ୍ଲୋର୍ କ୍ଲିନର 500 ml x 3 ୟୁନିଟ୍ (ଫ୍ଲୋରାଲ/ସାଇଟ୍ରସ୍)
MRP ₹235
ଆମ ମୂଲ୍ୟ ₹195
ସଞ୍ଚନ୍ତୁ ₹40
(କିଟେଡ୍ ପ୍ୟାକ୍)
ସର୍ଫ ଏକ୍ସଲ ଇଜୀ ୱାଶ୍ ଡିଟରଜେଣ୍ଟ ପାଉଡ଼ର 4 kg
MRP ₹496
ଆମ ମୂଲ୍ୟ ₹356
ସଞ୍ଚନ୍ତୁ ₹140
Also Available at
SMART SUPERSTORE
Reliance fresh
10% EXTRA CASHBACK*
SBI card
*Min. Trxn: ₹ 1,000; Max. Cashback: ₹ 500 per card account.
Validity: 2 - 4 Oct 2020. T&C Apply.
Paytm
Up to ₹200 CASHBACK*
Min. Txn Value of ₹799
MobiKwik
FLAT ₹50 SUPERCASH*
on Min. Txn of ₹499
Valid Twice per customer per month from 1st Oct to 30th Nov 2020 T&C Apply
ସର୍ତ୍ତ ଓ ନିୟମାବଳୀ ଲାଗୁ । ବ୍ୟାଙ୍କିଙ୍ଗ୍ ଏବଂ ୱାଲେଟ୍ ଅଫର୍ସ କେବଳ ଜିଓମାର୍ଟ ଉପରେ ବୈଧ । ଅଫରଗୁଡ଼ିକ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ କୌଣସି ପ୍ରାକ୍ ସୂଚନା ବିନା ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଉତ୍ପାଦର ଚିତ୍ର / ଫଟୋଗ୍ରାଫ୍‌ସ କେବଳ ଚିତ୍ରଣ ନିମନ୍ତେ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ କର ସାମିଲ ଅଟେ । ସମସ୍ତ ଅଫର୍ 04 ଅକ୍ଟୋବର 2020 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବଇ ସ୍ଥିତ ସ୍ୱତନ୍ତ୍ର ନ୍ୟାୟାଳୟର ବିଚାରାଧିନ ଅଟେ ।

## ବଳାତ୍କାର ଘଟଣାରେ ୨ଗିରଫ

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଘଟଣାରେ ପୋଲିସ ଗୁରୁବାର ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଙ୍କୀ ଥାନା ଡମପଡ଼ାର ସୁରେଶ ନାୟକ ଓରଫ ବୀର (୩୦) ଓ ତାଙ୍କ ସମ୍ପର୍କୀୟ ହରିରାଜପୁରର ଅଶୋକ ଭୋଇ(୨୯)। ସୂଚନାଥାଉ କି, ମଙ୍ଗଳବାର ଅପରାହ୍ନରେ ମହିଳା ଜଣକ ଏକୁଟିଆ ଘରେ ଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୩୮/୨୦)ରୁଜୁକରି ତଦନ୍ତ ଚଳାଇଥିଲା।



## ସଂକ୍ଷେପରେ

### ଡା. ଜୟନ୍ତ ପଣ୍ଡା ଏସ୍‌ସିବି ଭେଷଜ ବିଭାଗ ମୁଖ୍ୟ

କଟକ ଅଫିସ,୧।୧୦: ରାଜ୍ୟ ସରକାରଙ୍କ କୋଭିଡ୍ ବୈଷୟିକ ମୁଖପାତ୍ର ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କୁ ନୂଆ ଦାୟିତ୍ୱ ମିଳିଛି। ପ୍ରଫେସର ପଣ୍ଡା ଗୁରୁବାର ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଭେଷଜ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଦାୟିତ୍ୱରେ ଥିବା ପ୍ରଫେସର ବିରଞ୍ଚି ନାରାୟଣ ମହାପାତ୍ରଙ୍କୁ ପୁରୀର ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଅଧକ୍ଷ ଭାବେ ବଦଳି କରାଯାଇଛି। ସୂଚନାଯୋଗ୍ୟ, ପ୍ରଫେସର ପଣ୍ଡା କୋଭିଡ୍ ପରିଚାଳନା ପାଇଁ ରାଜ୍ୟରେ ବୈଷୟିକ ତାଲିମର ପ୍ରମୁଖ ଦାୟିତ୍ୱରେ ଥିଲେ।

### ବିଭିନ୍ନ ସଙ୍ଗଠନ ପକ୍ଷରୁ ବରିଷ୍ଠ ନାଗରିକ ଦିବସ

କଟକ ଅଫିସ,୧।୧୦: ବରିଷ୍ଠ ନାଗରିକ ଦିବସ ଏବଂ ବିଶ୍ୱ ପେନ୍‌ସନର୍ସ ଦିବସକୁ ଗୁରୁବାର ଅଲ୍ ଇଣ୍ଡିଆ ପୋଷ୍ଟାଲ ଆଣ୍ଡ୍ ଆର୍‌ଏମ୍‌ଏସ୍ ପେନସନର୍ସ ଆସୋସିଏଶନର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଅନ୍ତର୍ଜାତୀୟ ସଂଘର୍ଷ ଦିବସ ଭାବେ ପାଳନ କରାଯାଇଛି। କଟକ ଜିପିଓ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସରକାରଙ୍କ ନିକଟରେ କେତେକ ଦାବି ରଖାଯାଇଥିଲା। ରାଜ୍ୟ ସମ୍ପାଦକ ରବିନ୍ଦ୍ରନାଥ ଧଳ, ଜି.ଏନ୍. ମହାନ୍ତି, ଆର୍.ଏନ୍. ମଲ୍ଲିକ, କେ.ସି. ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯୋବ୍ରା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ସଂଘର ମୁଖ୍ୟ ଉପଦେଷ୍ଟା ହେମେନ୍ଦ୍ର ନାରାୟଣ ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସଭାପତି ଶୈଳେଜା ନନ୍ଦନ ପରିଡ଼ା ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବହୁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନମାଳି ଶୁକ୍ଳ ଧନ୍ୟବାଦ ଦେଇଥିଲେ।

### ଟେଲି ସ୍ୱାସ୍ଥ୍ୟସେବା: ପୁରୀ ସହରରୁ ହୋଇଛି ସର୍ବାଧିକ କଲ୍

ପୁରୀ ଅଫିସ,୧।୧୦: ମହାମାରୀ କରୋନା ପରିପ୍ରେକ୍ଷୀରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲାବାସୀଙ୍କୁ ଟେଲି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଅର୍ଥାତ୍ କୌଣସି ସାଧାରଣ ରୋଗ ପାଇଁ ଲୋକେ ହସ୍ପିଟାଲକୁ ଯାଇ ଗହଳି ନ କରି ସ୍ୱାସ୍ଥ୍ୟସେବା ପାଇପାରିବେ। ଜିଲାବାସୀ ଟେଲିଫୋନ କରି ଡାକ୍ତର ଓ ବିଶେଷଜ୍ଞଙ୍କୁ ସେମାନଙ୍କ ରୋଗ ସମ୍ପର୍କରେ କହିବେ। ଡାକ୍ତରଙ୍କ ପରାମର୍ଶ ମୁତାବକ ସେମାନେ ଔଷଧ କିଣି ଖାଇବେ। ଟେଲି ସ୍ୱାସ୍ଥ୍ୟସେବାରେ ଗତ ୨୯ ତାରିଖ ସୁଦ୍ଧା ୧୬,୦୧୫ଜଣ ସୁବିଧା ଲାଭ କରିଛନ୍ତି। ପୁରୀ ମ୍ୟୁନିସିପାଲିଟିରୁ ସର୍ବାଧିକ ୨,୯୮୧ ଜଣ ଏବଂ କୃଷ୍ଣପ୍ରସାଦ ବ୍ଲକରୁ ସର୍ବନିମ୍ନ ୧୮୧ ଜଣ କଲ୍ କରିଛନ୍ତି। ଏହି ସେବା ପାଇଁ ପ୍ରଶାସନ ଜିଲାର ସବୁ ବ୍ଲକ ଏବଂ ପୁରୀ ପୌରାଞ୍ଚଳରେ ଡାକ୍ତରମାନଙ୍କ ସହ ଯୋଗାଯୋଗ କରିବା ଲାଗି ନମ୍ବର ସର୍ବସାଧାରଣରେ ଜାରି କରିଛି। ଫଳରେ ଜରୁରୀ ନ ଥିଲେ ଅର୍ଥାତ୍ ସାଧାରଣ ରୋଗ ପାଇଁ ଘରେ ବସି ଲୋକେ କଲ୍ କରି ଏହାର ସୁବିଧା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ଟେଲି ଚିକିତ୍ସା ସେବା ପାଇଁ ମୋଟ ୧୬,୦୫୧ଟି କଲ୍ ଆସିଛି। ଏଥିମଧ୍ୟରେ ପୁରୀ ପୌରାଞ୍ଚଳରୁ ସର୍ବାଧିକ ୨,୯୮୧ କଲ୍ ଆସିଥିବାବେଳେ ଅସ୍ତରଙ୍ଗ ୨,୨୧୨, ବ୍ରହ୍ମଗିରି ୨,୦୧୬, ନିମାପଡ଼ା ୧,୮୭୭, ପିପିଲି ୧,୭୨୦, କାକଟପୁର ୮୮୨, ଡେଲାଙ୍ଗ ୮୭୮, କଣାସ ୮୧୮, ଗୋପ ୬୧୬, ଚନ୍ଦନପୁର (ପୁରୀ ସଦର) ୪୧୧ ଏବଂ କୃଷ୍ଣପ୍ରସାଦ ବ୍ଲକରେ ସର୍ବନିମ୍ନ ୧୮୧ କଲ୍ ଆସିଛି।

### ୬ ପୀଡ଼ିତଙ୍କୁ ହସ୍ପିଟାଲରେ ଭେଟିଲେ ଅରୂପ

**ଗଡ଼ମାଣତିରି ଗ୍ୟାସ୍ ପୋଡ଼ି ଘଟଣା**

କଟକ ଅଫିସ,୧।୧୦: ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଗଡ଼ମାଣତିରି ଗ୍ୟାସ୍ ପୋଡ଼ି ଘଟଣାରେ ପୀଡ଼ିତ ୬ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି ବିଜେଡି ନେତା ଅରୂପ ପଟ୍ଟନାୟକ। ଗୁରୁବାର ଅପରାହ୍ନରେ ଏସ୍‌ସିବି ପରିଦର୍ଶନରେ ଆସି ପୀଡ଼ିତମାନଙ୍କୁ ଭେଟିଛନ୍ତି। ସେ ସର୍ଜରୀ ବିଭାଗର ମୁଖ୍ୟ ଡା. ବନବିହାରୀ ମିଶ୍ରଙ୍କୁ ସାକ୍ଷାତ କରି ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସ୍ଥାନୀୟ କର୍ମକର୍ତ୍ତାଙ୍କ ସହାୟତାରେ ଚିକିତ୍ସା ପାଇଁ ଆବଶ୍ୟକ ଥିବା ରକ୍ତ, ପ୍ଲାଜ୍‌ମା ଏବଂ ଔଷଧ ଆଦିର ବ୍ୟବସ୍ଥା ମଧ୍ୟ କରାଇଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୨୬ ତାରିଖ ରାତିରେ ଗଡ଼ମାଣତିରି ଗାଁରେ ଏକ ଘରେ ଗ୍ୟାସ୍‌ଟାଙ୍କି ଫାଟିବାରୁ ଗୋଟିଏ ପରିବାରର ୭ଜଣ ପୋଡ଼ି ଯାଇଥିଲେ। ପ୍ରଥମେ ସେମାନଙ୍କୁ ଖୋର୍ଦ୍ଧା ପରେ କ୍ୟାପିଟାଲ ହସ୍ପିଟାଲ ଓ ସେଠାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶିଶୁର ମୃତ୍ୟୁ ଘଟିଥିଲା।

# ନିଖୋଜଙ୍କୁ ଖୋଜିବାରେ ନୈରାଶ୍ୟଜନକ ପ୍ରଦର୍ଶନ

**ଏନ୍‌ସିଆର୍‌ବି ରିପୋର୍ଟ-୨୦୧୯**

- ୧୯.୩% ନିଖୋଜଙ୍କୁ ଉଦ୍ଧାର କରିଛି ଓଡ଼ିଶା ପୋଲିସ
- ରାଜ୍ୟରେ ଶିଶୁ ଉଦ୍ଧାର ହାର ମଧ୍ୟ କମିଛି, ୯୪% ସହ କେରଳ ଶୀର୍ଷରେ

ଭୁବନେଶ୍ୱର,୧।୧୦ (ବ୍ୟୁରୋ)

ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର ପାଇଁ ରାଜ୍ୟ ପୋଲିସ ଆରମ୍ଭ କରିଥିଲା ଅପରେଶନ ସ୍ମାଇଲ୍। ଏହାସତ୍ତ୍ୱେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବାରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପୋଲିସର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ-୨୦୧୯ରୁ ଏହା ଜଣାପଡିଛି।

ଉକ୍ତ ରିପୋର୍ଟ ଅନୁଯାୟୀ, ୨୦୧୯ରେ ୧୫ ହଜାର ୩୧୭ଜଣ ବ୍ୟକ୍ତି ନିଖୋଜ ହୋଇଛନ୍ତି। ଏଥିରେ ୩ହଜାର ୩ଶହ ପୁରୁଷ ଏବଂ ୧୨ ହଜାର ୧୭ ମହିଳା ରହିଛନ୍ତି। ସେହିଭଳି ୨୦୧୮ରେ ୧୩ହଜାର୬୨ଜଣ ନିଖୋଜ ହୋଇଛନ୍ତି। ତେବେ ଓଡ଼ିଶା ପୋଲିସ ୨୦୧୯ରେ ୫ ହଜାର ୩୩୯ ଜଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିବାବେଳେ ୨୦୧୮ରେ ୪୪୮୧ଜଣଙ୍କୁ ଉଦ୍ଧାର କରାଯାଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଦୁଇବର୍ଷର ଉଦ୍ଧାର ହାରକୁ ଦୃଷ୍ଟିରେ ରଖିଲେ ପୂର୍ବବର୍ଷ ଅପେକ୍ଷା ଗତବର୍ଷ ଏହି ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି। କିନ୍ତୁ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ରାଜ୍ୟ ପୋଲିସ ୨୦୧୯ରେ ଖରାପ ପ୍ରଦର୍ଶନ କରିଥିବାବେଳେ କେବଳ ୧୯.୩ ପ୍ରତିଶତ ନିଖୋଜ ବ୍ୟକ୍ତିଙ୍କୁ ଖୋଜି ପାଇବାରେ ସଫଳ ହୋଇଛି। ଏକ୍ଷେତ୍ରରେ ଖରାପ ପ୍ରଦର୍ଶନ କରିଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ରହିଛି। ପଞ୍ଜାବ ପୋଲିସ ମାତ୍ର ୧୬.୭ ପ୍ରତିଶତ ନିଖୋଜଙ୍କୁ ଉଦ୍ଧାର କରି ସବୁଠାରୁ ଅଧିକ ଖରାପ ପ୍ରଦର୍ଶନ କରିଛି।

ଅନ୍ୟପକ୍ଷରେ ୧୮ ବର୍ଷରୁ କମ୍ ବୟସରେ ୫୫୦୩ ପିଲାଙ୍କୁ ଉଦ୍ଧାର କରିବା ପାଇଁ ରାଜ୍ୟ ପୋଲିସକୁ ଦାୟିତ୍ୱ ଦିଆଯାଇଥିଲା। ଯେଉଁଥିରେ ପୂର୍ବ ବର୍ଷର ନିଖୋଜ ହୋଇଥିବା ୧୧୬୫ ନାବାଳକ ମଧ୍ୟ ରହିଛନ୍ତି। ସେମାନଙ୍କୁ ପୋଲିସ ପୂର୍ବ ବର୍ଷରୁ ଚିହ୍ନଟ କରିବାରେ ବିଫଳ ହୋଇଥିବା ଦର୍ଶାଯାଇଛି। ୨୦୧୮ରେ ୧୧୩୯ ନିଖୋଜ ଶିଶୁଙ୍କୁ ପୋଲିସ ଉଦ୍ଧାର କରିଥିଲା। ସେହିଭଳି ୨୦୧୯ରେ ୧୪୯୦ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏଥିମଧ୍ୟରୁ ୩୧୪ ବାଳକ ଓ ୧୧୭୬ ବାଳିକା ରହିଛନ୍ତି। ପୂର୍ବବର୍ଷ ତୁଳନାରେ ଅଧିକ ସଂଖ୍ୟକ ପିଲା ଉଦ୍ଧାର ହୋଇଥିଲେ ମଧ୍ୟ ନାବାଳକ ଉଦ୍ଧାର ହାର ହ୍ରାସ ପାଇଛି। ୨୦୧୮ରେ ୩୨.୬ ପ୍ରତିଶତ ରହିଥିବାବେଳେ ୨୦୧୯ରେ ୨୭.୧କୁ ଖସି ଆସିଛି। ୨୦୧୯ରେ ପ୍ରତି ୧୦୦ ନିଖୋଜ ଶିଶୁଙ୍କ ମଧ୍ୟରୁ ପ୍ରାୟ ୨୭ ଜଣଙ୍କୁ ଖୋଜି ପାଇବାରେ ସଫଳ ହୋଇଛି ଓଡ଼ିଶା ପୋଲିସ। କିନ୍ତୁ ଏକ୍ଷେତ୍ରରେ କେରଳ ସବୁଠୁ ଆଗରେ ରହିଛି। କେରଳ ପୋଲିସ ୯୪ ପ୍ରତିଶତ ନିଖୋଜ ଶିଶୁଙ୍କୁ ଉଦ୍ଧାର କରି ପ୍ରଥମ ସ୍ଥାନରେ ରହିଥିବାବେଳେ ସିକିମ୍ ପୋଲିସ ୮୮ ପ୍ରତିଶତ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

# ନଡ଼ିଆ ଷଢ଼େଇରେ ମାସ୍କ

ପୁରୀ ଅଫିସ,୧।୧୦



ମହାମାରୀ କରୋନା କବଳରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତା ଏବଂ ମାସ୍କ ପିନ୍ଧିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ମାସ୍କ ନ ପିନ୍ଧି ପଦାକୁ ବାହାରିଲେ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ଭଲ ଭାବେ ମାସ୍କ ପିନ୍ଧିଥିଲେ ସଂକ୍ରମଣଠାରୁ ଦୂରେଇ ରହିହେବ ବୋଲି ଲୋକଙ୍କୁ ସଚେତନ କରାଯାଉଛି। ତେବେ କେବଳ କପଡ଼ାରେ ନୁହେଁ, ଅନେକ ଲୋକ ଭିନ୍ନ ଧରଣର ମାସ୍କ ପିନ୍ଧୁଛନ୍ତି। କଟକର ଜଣେ ବ୍ୟବସାୟୀ ସୁନାରେ ମାସ୍କ ତିଆରି କରି ପିନ୍ଧିଥିବାବେଳେ ସୁରଟର ଜଣେ ହୀରା ବ୍ୟବସାୟୀଙ୍କ ପାଖକୁ ହୀରା ଖଚିତ ମାସ୍କ ପାଇଁ ବରାଦ ଆସିଥିଲା। ସେ ମଧ୍ୟ ହୀରା ଖଚିତ ମାସ୍କ ତିଆରି କରିଥିଲେ। ହେଲେ ଏବେ ପୁରୀ ସହରରେ ନଡ଼ିଆ ଷଢ଼େଇରେ ତିଆରି ମାସ୍କକୁ ନେଇ ବେଶ୍ ଚର୍ଚ୍ଚା। ମହାପ୍ରଭୁଙ୍କ ସେବକ ହଜୁରୀ ଭୀମସେନ ଖୁଣ୍ଟିଆ ଏମିତି ଏକ ନିଆରା ମାସ୍କ ପରିଧାନ କରୁଛନ୍ତି।

ଏ ସମ୍ପର୍କରେ ଭୀମସେନ କହିଛନ୍ତି, ତାଙ୍କୁ ଜଣେ ବ୍ୟକ୍ତି ଏହାକୁ ତିଆରି କରି ଉପହାର ଦେଇଛନ୍ତି। ନଡ଼ିଆ ଷଢ଼େଇକୁ ଅତି ସୂକ୍ଷ୍ମ ଭାବେ ଘଷି ପ୍ଲେନ କରାଯାଇଛି। ଭିତରେ ଦୁଇପରସ୍ତ କନା ରହିଛି। ନିଃଶ୍ୱାସ ପ୍ରଶ୍ୱାସରେ କୌଣସି ଅସୁବିଧା ହେଉନାହିଁ। କିଏ ସୁନା ତ ଆଉ କିଏ ହୀରା ଖଚିତ ମାସ୍କ ପିନ୍ଧୁଥିବା ଆମେ ଶୁଣିଛୁ। ମାତ୍ର ଏହା ସମ୍ପୂର୍ଣ୍ଣ ଦେଶୀ କାରିଗରି କୌଶଳରେ ତିଆରି କରାଯାଇଛି। ନଡ଼ିଆକୁ ଆମେ ଶ୍ରୀଫଳ ବୋଲି କହିଥାଉ। ଏଥିରେ ତିଆରି ମାସ୍କ ପିନ୍ଧିବାକୁ ଭଲ ଲାଗୁଛି ବୋଲି ଭୀମସେନ କହିଛନ୍ତି।

# ଅବସର ଦିନ ପେନ୍‌ସନ ପ୍ରଦାନ କଲା ଇପିଏଫ୍‌ଓ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ସରକାରୀ କର୍ମଚାରୀମାନଙ୍କ ଭଳି ଦେଶର ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଅବସର ଦିନ ହିଁ ମିଳିବ ପେନ୍‌ସନ। ଏ ନେଇ ଏକ କଲ୍ୟାଣକାରୀ ସେବା 'ପ୍ରୟାସ' ଆରମ୍ଭ କରିଛି କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ(ଇପିଏଫ୍‌ଓ)। ଇପିଏଫ୍‌ଓ ଦ୍ୱାରା ପରିଚାଳିତ 'କର୍ମଚାରୀ ପେନ୍‌ସନ୍ ଯୋଜନା-୧୯୯୫' ଅନ୍ତର୍ଗତ ହିତାଧିକାରୀମାନଙ୍କୁ ମିଳିବ ଏହି ସୁବିଧା। ବିଶେଷ କରି କରୋନା ମହାମାରୀ ସମୟରେ ଏହି ତ୍ୱରିତ ସେବାକୁ ରାଜ୍ୟସ୍ତରରେ ଆରମ୍ଭ କରି ନିଜ ସାମାଜିକ ପ୍ରତିବଦ୍ଧତାକୁ ସାକାର କରଛନ୍ତି ସ୍ଥାନୀୟ କର୍ତ୍ତୃପକ୍ଷ। ପ୍ରାପ୍ତ ସୂଚନା ଅନୁସାରେ, ନାଲ୍‌କୋର ଦୁଇଜଣ କର୍ମଚାରୀ ମନୁ କୁମାର ଗୌଡ଼ ଏବଂ ରବି ନାରାୟଣ ରାଉତ ଗତ ୩୦ ତାରିଖରେ ଅବସର ଗ୍ରହଣ କରିଛନ୍ତି। ସେହି ଦିନ ସ୍ଥାନୀୟ ଭବିଷ୍ୟନିଧି କାର୍ଯ୍ୟାଳୟରେ ସେମାନଙ୍କୁ ପେନ୍‌ସନ୍ ଆଦେଶପତ୍ର ପ୍ରଦାନ କରିଛନ୍ତି ଆଞ୍ଚଳିକ ଭବିଷ୍ୟନିଧି କମିଶନର ସୁଦୀପ୍ତ ଘୋଷ। ସେହିପରି ରାଉରକେଲା, ବ୍ରହ୍ମପୁର ଏବଂ କେନ୍ଦୁଝରସ୍ଥିତ କାର୍ଯ୍ୟାଳୟରେ ମଧ୍ୟ ଯୋଗ୍ୟ ହିତାଧିକାରୀମାନଙ୍କୁ ସେମାନଙ୍କର ପେନ୍‌ସନ୍ ଆଦେଶପତ୍ର ଦିଆଯାଇଛି ବୋଲି ସୂଚନା ଦେଇଛନ୍ତି ସ୍ଥାନୀୟ ଭବିଷ୍ୟନିଧି କାର୍ଯ୍ୟାଳୟର ସହାୟକ କମିଶନର ସଞ୍ଜୟ କୁମାର ରଥ ଏବଂ ଏସ୍.ଡି. ମଜୁମଦାର। ସୂଚନାଯୋଗ୍ୟ ଯେ, 'ପ୍ରୟାସ' ସେବା ଅନୁସାରେ ୩ ମାସ ମଧ୍ୟରେ ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀମାନଙ୍କୁ ଅନ୍ୟୂନ ୧ ମାସ ମଧ୍ୟରେ ସେମାନଙ୍କର ଦରଖାସ୍ତ ସମ୍ପୃକ୍ତ ଭବିଷ୍ୟନିଧି କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ।

# ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଅଫିସ,୧।୧୦

ଖୋର୍ଦ୍ଧା ଜିଲାପାଳ ସନତ୍ କୁମାର ମହାନ୍ତି ଗୁରୁବାର ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସୁସ୍ଥ ଓ ନିରାମୟ ଜୀବନଯାପନ ଲାଗି ଆହ୍ୱାନ ଦେଇଛନ୍ତି। ସୁସ୍ଥତା ଲାଗି ଦୈନିକ ଶାରୀରିକ ବ୍ୟାୟମ, ଯୋଗ, ଚାଲିବା ଏକ ଭଲ ଅଭ୍ୟାସ। ନିଜେ ସୁସ୍ଥ ରହିବା ସହ ପରିବେଶ ସ୍ୱଚ୍ଛତା ଲାଗି ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଉପଜିଲାପାଳ ଅଶୋକ ବେହୁରିଆ ପ୍ରମୁଖ ସାମିଲ ହୋଇଥିଲେ।

# ପିସିସି, ଯୁବ କଂଗ୍ରେସର ବିରୋଧ



ରାହୁଲ ଗାନ୍ଧୀଙ୍କୁ ଉତ୍ତରପ୍ରଦେଶ ପୋଲିସର ବିରୋଧ ପ୍ରତିବାଦରେ ଭୁବନେଶ୍ୱରରେ ପିସିସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାହୁଲ ଗାନ୍ଧୀ-ଉତ୍ତରପ୍ରଦେଶ ପୋଲିସ ମୁହାଁମୁହିଁ ଘଟଣା**

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଉତ୍ତରପ୍ରଦେଶର ହାଥରସ୍ ଯୁବତୀ ଗଣବଳାତ୍କାର ଓ ମୃତ୍ୟୁ ଘଟଣା ପରେ ଉକ୍ତ ପରିବାରକୁ ଭେଟିବାକୁ ଯାଉଥିବା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ ଉତ୍ତରପ୍ରଦେଶ ପୋଲିସ ଆକ୍ରମଣ କରିଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ନିରଞ୍ଜନ କହିଛନ୍ତି ଯେ, ପୋଲିସର ଏପରି ଅଶାଳୀନ ବ୍ୟବହାର ଏବଂ ବର୍ବରୋଚିତ ଆକ୍ରମଣ ଉତ୍ତରପ୍ରଦେଶ ସରକାରଙ୍କ ହୀନ ମାନସିକତାର ଉଦାହରଣ। ଏହା ଦୁଃଖଦାୟକ ଓ ଗଣତନ୍ତ୍ର ବିରୋଧୀ। ଏଥିପାଇଁ ଅବିଳମ୍ବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ସାଧାରଣରେ କ୍ଷମା ପ୍ରାର୍ଥନା ସହ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାରା ଦେଶରେ ହେଉ ବା ଉତ୍ତରପ୍ରଦେଶରେ କିପରି ମନୋବୃତ୍ତିରେ ଶାସନ କରିବାକୁ ଚାହୁଁଛି ଏହାକୁ ଜନସାଧାରଣ ଜାଣି ସଚେତନ ହୋଇ ତୀବ୍ର ବିରୋଧ କରିବାର ସମୟ ଆସିଛି ବୋଲି ନିରଞ୍ଜନ କହିଛନ୍ତି। ଅନ୍ୟପଟେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଶହଶହ ଯୁବ କଂଗ୍ରେସ କର୍ମୀ ଏହି ଘଟଣାକୁ ବିରୋଧକରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଯୁବକଂଗ୍ରେସ କର୍ମୀମାନେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ନାରାବାଜି ଦେଇଥିଲେ। ଏହି ସମୟରେ ପୋଲିସ ଏବଂ ଯୁବକଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ କେତେଜଣ କର୍ମୀଙ୍କୁ ଉଠାଇନେଇଥିଲା। ଯୋଗୀ ଆଦିତ୍ୟନାଥ ତୁରନ୍ତ କ୍ଷମାପ୍ରାର୍ଥନା କରିବା ସହିତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଯୁବ କଂଗ୍ରେସ ଦାବି କରିଛି।

# ୬ ମାସ ପରେ ପୁରୀରୁ ଗଡ଼ିଲା ଟ୍ରେନ୍



ପୁରୀ ଷ୍ଟେଶନରୁ ଏକ ଟ୍ରେନ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରୁଛି।



ବଗିରେ ବସିଥିବା ଯାତ୍ରୀ।

ପୁରୀ ଅଫିସ,୧।୧୦

ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୬ମାସ ହେଲା ଅର୍ଥାତ୍ ମାର୍ଚ୍ଚ ୨୨ରୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା। ତେବେ କିଛିଦିନ ପୂର୍ବରୁ ରାଜ୍ୟର କେତେକ ଅଞ୍ଚଳରେ ଟ୍ରେନ ଚଳାଚଳ କରିଥିଲେ ମଧ୍ୟ ପୁରୀରେ ବନ୍ଦ ରହିଥିଲା। ଅନ୍‌ଲକ-୫ ପରେ ଗୁରୁବାର ପୁରୀରୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ଅପରାହ୍ନ ସାଢେ ୫ଟାରେ ପ୍ରଥମେ ପୁରୀ-ଅହମ୍ମଦାବାଦ ସାପ୍ତାହିକୀ ଏକ୍ସପ୍ରେସ୍, ସାଢେ ୬ଟାରେ ପୁରୀ-ଦୁର୍ଗ ଏକ୍ସପ୍ରେସ୍ ଏବଂ ରାତି ୯ଟା ୩୦ରେ ପୁରୀ-ନୂଆଦିଲ୍ଲୀ ଏକ୍ସପ୍ରେସ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଛି। କିନ୍ତୁ ଏହିସବୁ ଟ୍ରେନ୍‌ରେ ହାତଗଣତି ଯାତ୍ରୀ ଥିଲେ। ଆର୍‌ପିଏଫ୍ ପକ୍ଷରୁ କୋଭିଡ୍ ଗାଇଡ୍‌ଲାଇନ ଉପରେ ଗୁରୁତ୍ୱ ଦିଆଯାଇ ଯାତ୍ରୀଙ୍କୁ ଟ୍ରେନ୍ ମଧ୍ୟକୁ ଛଡ଼ାଯାଇଥିଲା। ପ୍ଲାଟଫର୍ମରେ ଯାତ୍ରୀଙ୍କ ପାଇଁ ବୃତ୍ତାକାର ଚିହ୍ନ କରାଯାଇଛି। ଏହା ମଧ୍ୟରେ ଠିଆହୋଇ ଯାତ୍ରୀମାନେ ଟ୍ରେନ୍‌ରେ ଚଢିବା ଉପରେ ଗୁରୁତ୍ୱ ଦିଆଯାଇଛି। ସୂଚନା ଅନୁଯାୟୀ ପୁରୀ-ଅହମ୍ମଦାବାଦରେ ୧୪ ଜଣ ଯାତ୍ରୀ ଏଠାରୁ ଚଢିଥିବା ବେଳେ ପୁରୀ-ଦୁର୍ଗ ଟ୍ରେନରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ତେବେ ଆଗକୁ ଧୀରେ ଧୀରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଆଜିଠାରୁ ବିଜେଡିର କୋଭିଡ୍ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀଜୟନ୍ତୀଠାରୁ ନଭେମ୍ବର ୨ ତାରିଖ ଯାଏ ରାଜ୍ୟବ୍ୟାପୀ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଜେଡି ନେତା ଓ କର୍ମୀମାନେ ସାମିଲ ହୋଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ବିଜୁ ଜନତା ଦଳର ସଦସ୍ୟମାନେ ଉତ୍ସର୍ଗୀକୃତ କର୍ମୀ ଭାବରେ ଓଡ଼ିଶାବାସୀଙ୍କ ପାଇଁ ଉତ୍ତରଦାୟିତ୍ୱ ନିର୍ବାହ କରିବା, କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ରାଜ୍ୟବାସୀଙ୍କୁ ସଚେତନ କରିବା, କରୋନା ଯୁଦ୍ଧରେ ଯୋଦ୍ଧା ସାଜିବା, କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ଏହା ବିରୋଧରେ ସଂଗ୍ରାମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କ ପାଇଁ ପ୍ଲାଜ୍‌ମା ଦାନ, ଜୀବନ ବିନ୍ଦୁ ଅଭିଯାନରେ ରକ୍ତଦାନ ଏବଂ ମୃତକଙ୍କ ଅନ୍ତିମ ସତ୍କାର ପାଇଁ ଓଡ଼ିଶା ମୋ ପରିବାର ନିଷ୍ଠାପର ଉଦ୍ୟମ ଜାରି ରଖିଛି। ନିଜ ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ମୋ ପରିବାର ସହିତ ସାମିଲ ହୋଇ ଏସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶରେ ଟିକା ପ୍ରସ୍ତୁତ ଜୋରସୋରରେ ଚାଲିଛି। ରାଜ୍ୟବାସୀଙ୍କୁ ନିର୍ଦ୍ଧାରିତ ସମୟରେ ଟିକା ଯୋଗାଇବା ପାଇଁ ବିଭିନ୍ନ ଟିକା ପ୍ରସ୍ତୁତକାରୀ କମ୍ପାନୀଙ୍କ ସହ ଯୋଗସୂତ୍ର ରକ୍ଷା କରାଯାଇଛି। ଏଥିରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ହାଡ଼ିଆ ହତ୍ୟାକାଣ୍ଡକୁ ମାସେ ପୂରିଲା**

# ଧରାପଡ଼ିନାହାନ୍ତି ଅଭିଯୁକ୍ତ ଦୁଇ ଭାଇ

କଟକ ଅଫିସ,୧।୧୦

ଦୁର୍ଦ୍ଦାନ୍ତ ଅପରାଧୀ ହାଡ଼ିଆ ଓରଫ ପ୍ରକାଶ ବେହେରା ହତ୍ୟା ଘଟଣାକୁ ଶୁକ୍ରବାର ଏକମାସ ପୂରଣ ହୋଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ ସରିଛି ବୋଲି କଟକ ପୋଲିସ କହିଥିଲେ ସୁଦ୍ଧା ସେମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା ପୋଲିସ ସ୍ପଷ୍ଟ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଟ୍ରାକିଂରେ ରଖିଛି। ସେ ଲୁଚିଥିବା ଜଙ୍ଗଲରେ ୩ ଥର ଚଢ଼ାଉ ସରିଲାଣି। ତଥାପି ପୋଲିସକୁ ଚକ୍‌ମା ଦେଇ ଖସିଯିବାରେ ଅଭିଯୁକ୍ତ ସଫଳ ହେଉଥିବା ଜଣାପଡ଼ିଛି। ହତ୍ୟା ଘଟଣାରେ ଦୁଇଭାଇଙ୍କ ମୁଖ୍ୟ ଭୂମିକା ଥିବାବେଳେ ଏଥିରେ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା କୁହାଯାଉଛି। ଏ ସମ୍ପର୍କରେ କଟକ ଡିସିପି ପ୍ରତୀକ ସିଂ କହିଛନ୍ତି, ହତ୍ୟାକାରୀଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି। ସେ ଖସିଯିବାକୁ ବାରମ୍ବାର ଉଦ୍ୟମ କରୁଥିଲେ ସୁଦ୍ଧା ତାଙ୍କ ଗତିବିଧି ଉପରେ ପୋଲିସ ନଜର ରଖିଛି। ଖୁବଶୀଘ୍ର ସେ ଧରାପଡ଼ିବେ।



ହାଡ଼ିଆ

ସୂଚନାଯୋଗ୍ୟ, ହତ୍ୟା, ଦାଦାବଟି ଆଦାୟ, ବୋମାମାଡ଼, ଗଣ୍ଡଗୋଳ, ଆକ୍ରମଣ ଆଦି ବହୁ ଘଟଣାରେ ହାଡ଼ିଆ ସମ୍ପୃକ୍ତ ଥିଲେ। ତାଙ୍କ ନିଜ ଘର ଅଲିଶାବଜାର ଭୁତିଆସାହି ଅଞ୍ଚଳରେ ହୋଇଥିବାବେଳେ ସେ ପରିବାର ସହିତ ବିଡ଼ାନାସୀ ଥାନା ଅନ୍ତର୍ଗତ ଶିବାଜୀନଗରରେ ଘରଭଡ଼ା ନେଇ ରହୁଥିଲେ। ହାଡ଼ିଆଙ୍କ ହତ୍ୟା ନେଇ ସ୍ତ୍ରୀ ପୁଷ୍ପଲତା କେତେଜଣ ସମ୍ପର୍କୀୟଙ୍କ ଉପରେ ଅଭିଯୋଗ ଆଣିଥିଲେ। ହେଲେ ସମ୍ପର୍କୀୟ ନୁହେଁ ବରଂ ଦେଶୀ ମଦ କାରବାରକୁ ନେଇ ଗଣ୍ଡଗୋଳ ଓ ଏଥିରୁ ହତ୍ୟା ହୋଇଛି ବୋଲି ଏବେ ସାମ୍ନାକୁ ଆସିଛି। ଗତ ସେପ୍ଟେମ୍ବର ୨ତାରିଖ ସନ୍ଧ୍ୟାରେ ହାଡ଼ିଆଙ୍କ ଉପରେ ଇପସାର କଲେଜଗଡ଼ା ନିକଟରେ ଆକ୍ରମଣ ହୋଇଥିଲା। ଯେଉଁଥିରେ ତାଙ୍କର ବାମହାତ ସମ୍ପୂର୍ଣ୍ଣ ଭାବେ କଟି ଯାଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ହାଡ଼ିଆଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କର ଜଣେ ସହଯୋଗୀ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ।

### 'ଯେଉଁ ହାତରେ ମାରିଛି, ସେ ହାତକୁ ହାଣିଦିଅ'

ସତୀଚଉରା ଅଞ୍ଚଳରେ ଭଡ଼ା ରହୁଥିବା ଆଠଗଡ଼ର ଜଣେ ଯୁବକ ହିଁ ହାଡ଼ିଆଙ୍କୁ ହତ୍ୟା କରିଥିବା ଜଣେ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। କିଛି ଦିନ ହେବ ସେହି ଯୁବକ କଟକ ଆସି ଦେଶୀ ମଦ ବ୍ୟବସାୟ କରୁଥିଲେ। ଯେଉଁଦିନ ହତ୍ୟାକାଣ୍ଡ ଘଟିଲା, ସେଦିନ ସକାଳେ ହାଡ଼ିଆ ଓ ଉକ୍ତ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ ଗୋଟିଏ ଚାପୁଡ଼ା ହିଁ ଘଟଣାକୁ ହତ୍ୟାର ରୂପ ଦେଲା। ଚା' ଦୋକାନ ନିକଟରେ ଉଭୟଙ୍କ ଭେଟ ହୋଇଥିଲା। କିଛି ସମୟ ଯୁକ୍ତିତର୍କ ଭିତରେ ହାଡ଼ିଆ ଉକ୍ତ ଯୁବକଙ୍କୁ ବାମହାତରେ ଏକ ଚାପୁଡ଼ା ମାରିଥିଲେ। ଏହି ଦିନ ଦ୍ୱିପହରରେ ହାଡ଼ିଆ ଓ ତାଙ୍କର କେତେଜଣ ସହଯୋଗୀ ଉକ୍ତ ଯୁବକଙ୍କ ଘରେ ପଶି ତାଙ୍କ ବାପା ଓ ମା'ଙ୍କୁ ଗାଳିଗୁଲଜ ମଧ୍ୟ କରିଥିଲେ। ଏ ସଂକ୍ରାନ୍ତରେ ଯୁବକଜଣଙ୍କ କଟକ ବାହାରେ ରହୁଥିବା ନିଜ ବଡ଼ ଭାଇଙ୍କୁ କହିଥିଲେ। ଯେଉଁ ହାତରେ ମାରିଛି ସେ ହାତକୁ ହାଣିଦିଅ ବୋଲି କୁଆଡ଼େ ତାଙ୍କ ବଡ଼ଭାଇ ଫୋନ ଯୋଗେ କହିଥିଲେ। ପରେ ହତ୍ୟା ଯୋଜନା ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କୁ ଏକଜୁଟ କରାଯାଇଥିଲା। ଏହି ଦିନ ସନ୍ଧ୍ୟାରେ ହିଁ ହାଡ଼ିଆଙ୍କ ଉପରେ ଆକ୍ରମଣ କରାଯାଇଥିଲା।

# ୨୩ରୁ ପାଇପ୍ ଜଳ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ଖୋର୍ଦ୍ଧା ଅଫିସ,୧।୧୦

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ଜନସ୍ୱାସ୍ଥ୍ୟ ଉପଖଣ୍ଡ କାର୍ଯ୍ୟାଳୟରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଲାଗି ନିଷ୍ପତ୍ତି ହୋଇଛି। ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରି, ଇପିଏଫ ଓ ଇଏସଆଇ ସୁବିଧା, କରୋନାରେ ମୃତ କର୍ମଚାରୀଙ୍କୁ ୫୦ଲକ୍ଷ ଟଙ୍କା ପ୍ରଦାନ, କ୍ୟାଡର ରୁଲ ସଂଶୋଧନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ବ୍ୟବସ୍ଥା ଲାଗି ଦାବି କରିଛନ୍ତି। ବୈଠକରେ ସଂଘ ସମ୍ପାଦକ ବିମ୍ବାଧର ନାୟକ, ଦୀନବନ୍ଧୁ ପ୍ରଧାନ, ଦେବେନ୍ଦ୍ର ଦାସ, ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନିଶ୍ଚିନ୍ତକୋଇଲି ବ୍ଲକରେ ୩୨୩ ପଜିଟିଭ୍

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର):ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପର୍ଯ୍ୟନ୍ତ ୩୫୮୦ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ ବୁଧବାର ସୁଦ୍ଧା ମୋଟ୍ ୩୨୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ବୋଲି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। କରୋନା ସଂକ୍ରମଣ ରୋକିବା ଲାଗି ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। କେତେଜଣ ଅମାନିଆ ଏହି ନିୟମ ମାନୁ ନ ଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଗାଳିଗୁଲଜ

ବାଲିଅନ୍ତା,୧।୧୦(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନସ୍ଥ ଜଗନ୍ନାଥପୁର ପଞ୍ଚାୟତରେ ଏକ ବିଦ୍ୟାଳୟରେ ଗୁରୁବାର କରୋନା ପାଇଁ ଆଣ୍ଟିଜେନ ଟେଷ୍ଟ ଚାଲିଥିବାବେଳେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣେ ଯୁବକ ଗାଳିଗୁଲଜ କରିଥିଲେ। ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀ ଜଣକ ତାଙ୍କ ବରିଷ୍ଠ ଅଧିକାରୀଙ୍କୁ ଜଣାଇଥିଲେ। ପାହାଳ ଫାଣ୍ଡି ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଧରି ନେଇଥିଲେ। ତେବେ ଲିଖିତ ଅଭିଯୋଗ ନ ହେବାରୁ ପୋଲିସ ଆପୋସ ସମାଧାନ କରି ଯୁବକଙ୍କୁ ଛାଡ଼ି ଦେଇଥିଲା।

### ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ସମ୍ପର୍କିତ ଆଲୋଚନା

ପୁରୀ ଅଫିସ,୧।୧୦: ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଗୁରୁବାର ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍‌ଲାଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଅଧିନିୟମ ୨୦୦୭ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ହେଲ୍ପ ଡେସ୍କ ପ୍ରାଧିକରଣରେ ରହିଥିବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ସୂଚନା ଦେଇଥିଲେ। ଆଇନ ସେବା ପ୍ରାଧିକରଣର ଧାରା ୧୨ ଅନୁସାରେ ବରିଷ୍ଠ ନାଗରିକ ଆଇନ ସହାୟତା ପାଇବା ପାଇଁ ହକ୍‌ଦାର ବୋଲି କୁହାଯାଇଥିଲା। ଶେଷରେ ମଞ୍ଚର ସମ୍ପାଦକ ସିଦ୍ଧେଶ୍ୱର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ପୁରୁଣା ଭୁବନେଶ୍ୱର,୧।୧୦(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ମହିଳା ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରବିନାରାୟଣ ବେହେରା। ଏନେଇ ଥାନାରେ ଏକ ମାମଲା (ନଂ.୫୫/୨୦)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରବିନାରାୟଣ ସମ୍ପୃକ୍ତ ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ସହ ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ ଦେଉଥିଲେ। ଏନେଇ ଯୁବତୀ ଜଣକ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ।

### ‘ଓଡ଼ିଶାର କଳା ଓ ସ୍ଥାପତ୍ୟ’ ଶୀର୍ଷକ ଆଲୋଚନାଚକ୍ର

ପୁରୁଣା ଭୁବନେଶ୍ୱର, ୧।୧୦(ଡି.ଏନ୍.ଏ.): ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଇଣ୍ଡିଆ ଟୁରିଜମ ଭୁବନେଶ୍ୱର ଦ୍ୱାରା ‘ଓଡ଼ିଶାର କଳା ଓ ସ୍ଥାପତ୍ୟ’ ଶୀର୍ଷକ ଆଲୋଚନାଚକ୍ର ଗୁଗଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାଭାବେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ ଯୋଗଦେଇ ପ୍ରାଗ୍ ଐତିହାସିକ କାଳରୁ ଏପର୍ଯ୍ୟନ୍ତ ଓଡ଼ିଶାର କଳା ଓ ସ୍ଥାପତ୍ୟ ଉପରେ ଆଲୋକପାତ କରିଥିଲେ। ଏହା ପରେ ଦର୍ଶକଙ୍କ ସହ ଆଲୋଚନା କରାଯାଇଥିଲା। ଇଣ୍ଡିଆ ଟୁରିଜମ ଭୁବନେଶ୍ୱରର ସହ ନିର୍ଦ୍ଦେଶିକା ରଶ୍ମି ସୋନିଆ ତିର୍କୀ ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ।

# କରୋନା ସହ ଘାତକ ସାଜୁଛି ମଧୁମେହ, ଉଚ୍ଚ ରକ୍ତଚାପ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

- ସେପ୍ଟେମ୍ବରରେ ପ୍ରାଣ ହରାଇଛନ୍ତି ୩୪୯ ଆକ୍ରାନ୍ତ
- ୧୮୩ ମୃତକଙ୍କଠାରେ ମଧୁମେହ, ଉଚ୍ଚ ରକ୍ତଚାପ ରହିଛି
- ୩୯ ମୃତକ କିଡ୍‌ନୀ ଓ ଅନ୍ୟ ରୋଗରେ ପୀଡ଼ିତ ଥିଲେ

ରାଜ୍ୟରେ ବର୍ତ୍ତମାନ କରୋନା ସଂକ୍ରମଣ ୨,୨୨,୭୩୪ରେ ପହଞ୍ଚିଥିବାବେଳେ ଏଥିମଧ୍ୟରୁ ୮୫୯ଜଣଙ୍କର ମୃତ୍ୟୁ ଘଟିଛି। ଧୀରେ ଧୀରେ ମୃତ୍ୟୁ ହାର ମଧ୍ୟ ବଢ଼ିବାରେ ଲାଗିଛି। ତେବେ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତଥ୍ୟକୁ ତର୍ଜମା କଲେ ଆକ୍ରାନ୍ତଙ୍କ ପାଇଁ ଅନ୍ୟରୋଗ ଘାତକ ସାଜୁଛି। ବହୁ ରୋଗରେ ପୀଡିତ ଥିବା କରୋନା ରୋଗୀ ଓ ବିଶେଷକରି ବୟସ୍କ ବ୍ୟକ୍ତିଙ୍କ ଜୀବନ ପ୍ରତି ଅଧିକ ବିପଦ ରହୁଛି। ତେଣୁ ସେମାନଙ୍କୁ ଅଧିକ ସତର୍କ ରହିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସବୁବେଳେ ପରାମର୍ଶ ଦେଇ ଆସୁଛନ୍ତି। ଏକ୍ଷେତ୍ରରେ କୋଭିଡ୍ ରିପୋର୍ଟ ବେଶ୍ ଗୁରୁତ୍ୱ ବହନ କରୁଛି। କେବଳ ସେପ୍ଟେମ୍ବର ମାସରେ ୩୪୯ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବୟସ୍କ ଓ ସେମାନଙ୍କଠାରେ ଅନ୍ୟ ରୋଗ ରହିଥିଲା। ଅଧାରୁ ଅଧିକ ଅର୍ଥାତ୍ ୧୮୩ଜଣ କରୋନା ମୃତକ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟରୁ ଜଣାପଡିଛି।

ଉକ୍ତ ରିପୋର୍ଟ ଅନୁସାରେ, ମୃତକଙ୍କ ମଧ୍ୟରେ ୧୨୭ଜଣ କେବଳ କରୋନାରେ ମରିଥିବାବେଳେ ସେମାନଙ୍କଠାରେ ଅନ୍ୟ କୌଣସି ରୋଗ ନ ଥିଲା। ତେବେ ମୃତ ୯୦ ଆକ୍ରାନ୍ତ ପୂର୍ବରୁ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିବାବେଳେ ଅନ୍ୟ ୭୧ଜଣ କେବଳ ମଧୁମେହରେ ଓ ୨୨ଜଣ କେବଳ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସେହିପରି ୧୭ ଜଣ କରୋନା ମୃତକଙ୍କଠାରେ କିଡ୍‌ନୀ ରୋଗ ଓ ଅନ୍ୟ ୨୨ଜଣଙ୍କଠାରେ ଅନ୍ୟ ରୋଗ ରହିଥିଲା। ତେବେ କରୋନା ରୋଗୀଙ୍କ ମୃତ୍ୟୁ କ୍ଷେତ୍ରରେ ଅନ୍ୟ ରୋଗ ହିଁ ଘାତକ ସାଜୁଥିବା ଜଣାପଡିଛି। ତେଣୁ ସରକାର କରୋନା ସହ ଅନ୍ୟ ରୋଗର ଚିକିତ୍ସା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଗୁରୁତ୍ୱ ଦେଉଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଉଥିବାବେଳେ ଅଧିକାଂଶ ମେଡିକାଲରେ ଚିକିତ୍ସିତ ଥିବା ଆକ୍ରାନ୍ତଙ୍କୁ ଗୁରୁତର ସେବା ମିଳିପାରୁ ନ ଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବରୁ ଡାକ୍ତରଖାନା ବାରଣ୍ଡାରେ ପଡ଼ି ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କୁ ଚିକିତ୍ସା କରିବାକୁ କେହି ଆଗେଇ ଆସି ନ ଥିବା ଦେଖିବାକୁ ମିଳିଥିଲା। ସେହିପରି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ହେଉ କିମ୍ବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତା’ର ଟୁଇଟର ହ୍ୟାଣ୍ଡେଲରେ ଚିକିତ୍ସାଜନିତ ଗଦା ଗଦା ଅଭିଯୋଗ ନଜରକୁ ଆସୁଛି। ଏପରିସ୍ଥିତି ଜାରି ରହିଲେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।




ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ଗୁରୁବାର କଟକ ରାଣୀହାଟସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ।

# କରୋନା ପରିଚାଳନା ନେଇ ମିଥ୍ୟା ତଥ୍ୟ ରଖୁଛନ୍ତି ସରକାର

ଭୁବନେଶ୍ୱର,୧।୧୦(ବ୍ୟୁରୋ)

କରୋନା ପରିଚାଳନାରେ ସରକାର ଯେଉଁ ତଥ୍ୟ ରାଜ୍ୟବାସୀଙ୍କ ସାମ୍ନାରେ ରଖୁଛନ୍ତି ତାହା ମିଥ୍ୟା ଓ ବିଭ୍ରାନ୍ତିକର। ଅସତ୍ୟ ଉପରେ ଆଧାରିତ ତଥ୍ୟ ବଳରେ ଡବ୍ଲ୍ୟୁଏଚ୍‌ଓ ପାଖରୁ ଯେଉଁ ପ୍ରମାଣପତ୍ର ହାସଲ କରିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ନେତା ସୁଦର୍ଶନ ଦାସ କହିଛନ୍ତି, ସରକାର ମିଥ୍ୟା ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏହି ଅବସରରେ ସେ ବାଲେଶ୍ୱର ଉପକଣ୍ଠର ‘ମୁକ୍ତିଦ୍ୱାର’ ମଶାଣିରେ ସତ୍କାର ହୋଇଥିବା କରୋନା ମୃତ୍ୟୁର ହିସାବ ଦେଇଛନ୍ତି। ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୧୪ ଭିତରେ ଏହି ମଶାଣିରେ ୮୨ କରୋନା ଜନିତ ମୃତ୍ୟୁର ଶବଦାହ ହୋଇଛି। ‘ମୁକ୍ତିଦ୍ୱାର’ ପରିଚାଳନା କମିଟି ଏ ବାବଦରେ ମୃତଦେହ ପିଛା ୭୫୦୦ ଟଙ୍କା ହିସାବରେ ୬ ଲକ୍ଷ ୧୫ ହଜାର ଟଙ୍କା ପ୍ରଶାସନ ପାଖରେ ବିଲ୍ ଦାଖଲ କରିଛି। ସେହି ସମୟ ଭିତରେ ୬ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ କରୋନାରେ ମୃତ୍ୟୁ ହୋଇଛି ଯାହା ‘ମୁକ୍ତିଦ୍ୱାର’ ମଶାଣିକୁ ଆସିନାହିଁ। ବାଲେଶ୍ୱରର ଜ୍ୟୋତି କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ଦୁଇଜଣ କରୋନା ରୋଗୀଙ୍କ ଶବକୁ ମଧ୍ୟ ପରିବାର ଲୋକେ ଜବରଦସ୍ତ ନେଇଯାଇ ନିଜ ଗ୍ରାମରେ ଦାହ କରିଛନ୍ତି। ପୁନଶ୍ଚ ଏହି ସମୟ ଭିତରେ କଟକ ଓ ଭୁବନେଶ୍ୱରରେ ମଧ୍ୟ କରୋନା ରୋଗୀଙ୍କ ମୃତ୍ୟୁ ହୋଇଛି ଯାହା ‘ମୁକ୍ତିଦ୍ୱାର’ରେ ଦାହ ନ ହୋଇ ସେମାନଙ୍କ ଗାଁ ମଶାଣିରେ ହୋଇଛି। ହିସାବ ମୁତାବକ ବାଲେଶ୍ୱରରେ କରୋନା ମୃତ୍ୟୁ ଶହେରୁ ଊର୍ଦ୍ଧ୍ୱ ହେବ। ମାତ୍ର ସରକାରଙ୍କ ହିସାବ ମୁତାବକ ଏହି ସମୟ ଭିତରେ ୨୧ ଜଣଙ୍କ କରୋନା ମୃତ୍ୟୁ ହୋଇଛି। ଏଥିରୁ ସରକାର ତଥ୍ୟ ଲୁଚାଉଥିବା ସ୍ପଷ୍ଟ ଜଣାପଡୁଛି ବୋଲି ସୁଦର୍ଶନ ଅଭିଯୋଗ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସରକାରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣି କହିଛନ୍ତି, କରୋନା ଚିକିତ୍ସା କ୍ଷେତ୍ରରେ ସରକାରଙ୍କ ଅବହେଳା ଅକ୍ଷମଣୀୟ ଏବଂ ଦୁର୍ଭାଗ୍ୟଜନକ। କରୋନା ରୋଗୀମାନେ ଆଇସିୟୁ ଏବଂ ଭେଣ୍ଟିଲେଟର ନ ପାଇ ଡହଳବିକଳ ହେଉଛନ୍ତି। ପିଏମ୍ କେୟାର ପାଣ୍ଠିରୁ ୫୬୭ ଭେଣ୍ଟିଲେଟର ରାଜ୍ୟ ସରକାରଙ୍କୁ ମିଳିଥିଲା। ଏବେ ସୁଦ୍ଧା ମାତ୍ର ୧୪୭ ଭେଣ୍ଟିଲେଟର ବ୍ୟବହୃତ ହୋଇଛି । ଅନ୍ୟଗୁଡ଼ିକ ଘର ଭିତରେ ପଡ଼ି ରହିଛି। ଏହା ରାଜ୍ୟ ସରକାରଙ୍କ ଅପାରଗତା ଓ ସ୍ଥାଣୁତାର ପରିଚୟ ବୋଲି ପ୍ରଦୀପ କହିଛନ୍ତି।

## ଆଜି ସଂସ୍କୃତି ବିଭାଗର ଗାନ୍ଧୀ ଜୟନ୍ତୀ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଶୁକ୍ରବାର ପୂର୍ବାହ୍ନ ୧୦ରେ ସଂସ୍କୃତି ଭବନଠାରେ ‘ଗାନ୍ଧୀ ଜୟନ୍ତୀ’ ପାଳନ କରାଯିବ। କୋଭିଡ୍-୧୯ର ମାର୍ଗଦର୍ଶିକା ଅନୁସାରେ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପରିଧାନ ପୂର୍ବକ ସୀମିତ ଅତିଥିଙ୍କ ଉପସ୍ଥିତିରେ ପାଳନ କରାଯିବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପୂର୍ବତନ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ସୂତ୍ରାଞ୍ଜଳି ପ୍ରଦାନ ସହ ପୁସ୍ତକ ଉନ୍ମୋଚନ ଓ ଗାନ୍ଧୀ ଭଜନ ପରିବେଷଣ ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରସ୍ତୁତ ‘ଓଡ଼ିଶାରେ ଗାନ୍ଧିଜୀ’ ଶୀର୍ଷକ ଏକ ଘଣ୍ଟିଆ ପ୍ରାମାଣିକ ଚଳଚ୍ଚିତ୍ର ବିଭିନ୍ନ ଘରୋଇ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

## ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାରୋକୋ

କଟକ ସଦର,୧।୧୦(ଡି.ଏନ୍.ଏ.)

ରାଜ୍ୟ ସରକାର ବଢ଼ାଇଥିବା ବିଦ୍ୟୁତ୍ ଦରକୁ ବିରୋଧ କରି ଗୁରୁବାର ୪୨ମୌଜା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ବେଣ୍ଟକାର ମୁଖ୍ୟରାସ୍ତାକୁ ୧ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ପରେ ଦଳ ପକ୍ଷରୁ ଏକ ଦାବିପତ୍ର ସ୍ଥାନୀୟ ବିଦ୍ୟୁତ କନିଷ୍ଠ ପରିଚାଳକ ଚିନ୍ମୟ ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ସାଧାରଣ ଲୋକ କରୋନା ଯୋଗୁ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ଏବେ ବିଦ୍ୟୁତ୍ ଦର ବୃଦ୍ଧିକୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ କଟକ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ମଧୁସୂଦନ ପତିଙ୍କ ନେତୃତ୍ୱରେ ଅଭୟ ସ୍ୱାଇଁ, ଶରତ ପରୀକ୍ଷା, ଅଭୟ ସ୍ୱାଇଁ, ମନୋଜ ରାଉତ, ବିଷ୍ଣୁ ଭୋଇ, ଶ୍ୟାମସୁନ୍ଦର ଦାସ, ସୌଦାମିନୀ ରାଉତ, ଜୟନ୍ତୀ ମୁଦୁଲି ପ୍ରମୁଖ ବିକ୍ଷୋଭରେ ଉପସ୍ଥିତ ଥିଲେ।

# ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ ସାର

ନିରାକାରପୁର,୧।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର କେତେକ ସେବା ସମବାୟ ସମିତିରେ ଚଢ଼ା ଦରରେ ୟୁରିଆ ସାର ବିକ୍ରି ହେଉଥିବା ନେଇ କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କଠାରୁ ସାର ପାଇଁ ଆଧାର କାର୍ଡ, ଦସ୍ତଖତ ସହ ଟଙ୍କା ନେଉଥିବା ବେଳେ ସେମାନଙ୍କୁ ରସିଦ ଦିଆଯାଉନାହିଁ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ଏହି ବ୍ଲକରେ ମୋଟ୍ ୧୨୫୯୨ ହେକ୍ଟର ଚାଷଜମି ରହିଥିବା ବେଳେ ୯୮୨୯ ହେକ୍ଟରେ ଜମିରେ ଧାନ ଫସଲ ହେଉଛି। ଏଥିରେ ୧୪ଟି ସମବାୟ ସମିତି ଥିବା ବେଳେ ୨୨ଟି ଖୁଚୁରା ସାର ବ୍ୟବସାୟୀ ରହିଛନ୍ତି। ତେବେ ୧୪ଟି ସୋସାଇଟି ମଧ୍ୟରୁ ୬ଟି ସୋସାଇଟି ଲେଣ୍ଡୋ, ବଡପାରି, ଟାଙ୍ଗୀ, କୁହୁଡି, ସୁନ୍ଦରପୁର ଓ ଅରିସଲ ପ୍ରଥମ ପର୍ଯ୍ୟାୟରେ ଥୋଡ ସାର ପାଇଁ ୧୫୦୦ବସ୍ତା ନେଇଥିବା ବେଳେ ଆଉ ୮ଟି ସୋସାଇଟି ନେଇନାହାନ୍ତି। ସରକାରଙ୍କ ନିୟମାନୁସାରେ ୟୁରିଆ ସାର ବସ୍ତା ପିଛା ୨୬୬ଟଙ୍କା ୫୦ପଇସାରେ ବିକ୍ରି କରିବା ପାଇଁ ସୋସାଇଟିମାନଙ୍କୁ ନିର୍ଦ୍ଦେଶ ରହିଛି। କିନ୍ତୁ କେତେକ ସୋସାଇଟି ବସ୍ତା ପିଛା ୨୭୦ଟଙ୍କା ବିକ୍ରି କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ୨୨ଟି ଖୁଚୁରା ବ୍ୟବସାୟୀଙ୍କ ମଧ୍ୟରୁ ନିରାକାରପୁର୨, ରମାବିଲି ୩, ସରପାରି ୧, ଟାଙ୍ଗୀ ୨, ବଡପାରି ୨ ଓ କୁହୁଡିର ୨ଟି ୨ହଜାର ବସ୍ତା ୫୦ ମେଟ୍ରିକ ଟନ ସାର ଉଠାଇଥିବା ବେଳେ ଆଉ ୧୦ ଜଣ ବ୍ୟବସାୟୀ ନେଇନାହାଁନ୍ତି । ଅନ୍ୟ ସୋସାଇଟିଗୁଡ଼ିକ ସାର ନ ଉଠାଇବାରୁ ଖୁଚୁରା ବ୍ୟବସାୟୀମାନେ ବସ୍ତା ପିଛା ୫୨୦ରୁ ୫୫୦ଟଙ୍କା ବିକ୍ରି କରୁଛନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ କୃଷିକ୍ଷେତ୍ର ପରିଦର୍ଶନ ଡମଣେଇ ଦେଇ କହିଛନ୍ତି, ଚଢ଼ା ଦରରେ ସାର ବିକ୍ରି କରୁଥିବା ବ୍ୟବସାୟୀଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୋସାଇଟିଗୁଡ଼ିକ ଗାଡି ଖର୍ଚ୍ଚ କରି ନେଉଛନ୍ତି ତେଣୁ ଟଙ୍କେ ଦୁଇ ଟଙ୍କା ନେଉଥିବା ଆମେ ଖବର ପାଇଛୁ ବୋଲି ସେ କହିଛନ୍ତି।

# ଲୁଟ୍‌ବେଳେ ସ୍କୁଟିରୁ ଖସିପଡ଼ିଲେ ଯୁବତୀ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

**ମଞ୍ଚେଶ୍ୱର ଅଞ୍ଚଳରେ ବଢ଼ୁଛି ଅପରାଧ**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଗତ ଏକ ମାସ ମଧ୍ୟରେ ସ୍ପଷ୍ଟ ଦିବାଲୋକରେ ଅପରାଧ ବଢ଼ିବାରେ ଲାଗିଛି। ଗତ କିଛିଦିନ ତଳେ ସ୍ଥାନୀୟ ବ୍ୟାଙ୍କ ସମ୍ମୁଖରୁ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ ଘଟଣା ଲୋକଙ୍କୁ ଭୟଭୀତ କରିଥିବାବେଳେ ଗୁରୁବାର ପୁଣି ଜଣେ ଯୁବତୀଙ୍କୁ ଆକ୍ରମଣ କରି ମୋବାଇଲ ଝାମ୍ପି ନେଇଯାଇଛନ୍ତି। ଫଳରେ ଯୁବତୀ ଜଣକ ସ୍କୁଟିରୁ ପଡ଼ି ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବାଲିଅନ୍ତା ସୋମବିହାର ଅଞ୍ଚଳରେ ରହୁଥିବା ବିଟେକ୍ ପାସ୍ ଛାତ୍ରୀ ସୌଜନ୍ୟା ସାହୁ ଗୁରୁବାର ମଧ୍ୟାହ୍ନରେ ରସୁଲଗଡ଼ କେନାଲ ରୋଡ୍‌ରେ ସ୍କୁଟିରେ ଯାଉଥିଲେ। ଏହି ସମୟରେ ପୂର୍ବରୁ ପିଛା କରୁଥିବା ୨ ଯୁବକ ଫାଙ୍କା ସ୍ଥାନରେ ତାଙ୍କୁ ଆକ୍ରମଣ କରି ମୋବାଇଲ ଛଡ଼ାଇ ନେଇଥିଲେ। ସୌଜନ୍ୟା ନିୟନ୍ତ୍ରଣ ହରାଇ ଗାଡ଼ିରୁ ଖସିପଡିଥିବା ବେଳେ ଯୁବକଦ୍ୱୟ ଫେରାର ହୋଇଯାଇଥିଲେ। ମାତ୍ର ବଡ଼ ଦୁର୍ଭାଗ୍ୟର ବିଷୟ ଏହି ସମୟରେ ତାଙ୍କୁ ଏକ କୁକୁର ମଧ୍ୟ କାମୁଡ଼ି ଦେଇଥିଲା। ଏହା ଦେଖି ନାରାୟଣ ପୃଷ୍ଟି ନାମକ ସାମାଜିକ କର୍ମୀ ତାଙ୍କୁ ଉଦ୍ଧାର କରିବା ସହ ପିସିଆର ଜରିଆରେ ହସ୍ପିଟାଲ ପଠାଇଥିଲେ। ଖବରପାଇ ପିତା କମଳାକାନ୍ତ ସାହୁ ହସ୍ପିଟାଲରେ ପହଞ୍ଚିବା ସହ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ସେଠାରେ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ତାଙ୍କୁ ଓଲଟା ପ୍ରଶ୍ନ କରିଥିଲେ। ଯଦି ଝିଅ ପଛ ପକେଟରେ ଫୋନ ରଖିଥିଲେ ଲୁଟ କିପରି ସମ୍ଭବ ହେଲା। ତେବେ ଏପରି ଅସମୟରେ ପୋଲିସ ଲୋକଙ୍କ ନିକଟତର ହେବା କଥା କହୁଥିବା ବେଳ ଏପରି ବ୍ୟବହାର ତାଙ୍କୁ ବ୍ୟଥିତ କରିଥିବା ସେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ଲୁଟରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ନାଲିପତାକା ପୋତିଲା ପ୍ରଶାସନ

ଖୋର୍ଦ୍ଧା ଅଫିସ,୧।୧୦

**ଓଟିଭି ନାଁରେ ଜମି ହଡ଼ପ ଅଭିଯୋଗ ଘଟଣା**

ଖୋର୍ଦ୍ଧା ଜିଲା ସାରୁଅ ଗ୍ରାମରେ ଓଟିଭି କର୍ତ୍ତୃପକ୍ଷଙ୍କ ବିରୋଧରେ ଆସିଥିବା ଚାଷଜମି ହଡ଼ପ ଅଭିଯୋଗ ଘଟଣାରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ମାପଚୁପ ଆରମ୍ଭ ହୋଇଛି। ପୂର୍ବାହ୍ନରେ ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡ଼ା, ବେଗୁନିଆ ଓ ବାଘମାରୀ ରାଜସ୍ୱ ନିରୀକ୍ଷକଙ୍କ ସହ ଏକ ଟିମ୍ ଷ୍ଟୁଡିଓ ଆଗରେ ମାପଚୁପ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଏବଂ ଉପଜିଲାପାଳ ଅଶୋକ ବେହୁରିଆ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ନକ୍ସା ଅନୁଯାୟୀ ଗୋଚର ଜମିରେ ରାସ୍ତା ନିର୍ମାଣ ହୋଇଥିବା ଜଣାପଡ଼ିବା ପରେ ମୁଖ୍ୟ ଫାଟକଠାରୁ ୩ ମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନାଲିପତାକା ପୋତିଥିଲେ। ଏହା ପରେ ଅନ୍ୟ ଏକ ଫାଟକ ନିକଟରେ ମାପଚୁପ କରାଯିବା ପରେ ମଧ୍ୟ ନାଲି ପତାକା ପୋତାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପାଢୀ କହିଛନ୍ତି, ଗୋଚର ଜମିକୁ ଜବରଦଖଲ କରିବା ଏକ ବେଆଇନ କାର୍ଯ୍ୟ। ଓଟିଭି କର୍ତ୍ତୃପକ୍ଷଙ୍କୁ ନୋଟିସ କରାଯିବ। ତଦନ୍ତ ଚାଲିଛି। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ହେବ।

## ଚୋରି କରି ୨ ଗିରଫ

ଭୁବନେଶ୍ୱର,୧।୧୦(ବ୍ୟୁରୋ): ଖାରବେଳ ନଗର ଥାନା ଅଞ୍ଚଳରେ ବିଳମ୍ବିତ ରାତିରେ ଘରେ ପଶି ଚୋରି କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମସଜିଦ କଲୋନୀ ଅଞ୍ଚଳରେ ରହୁଥିବା ଜଗନ୍ନାଥ ପ୍ରସାଦ ଦାସ ଓ ଶେଖ ଶାହାଜାନ।

# ରାହୁଲଙ୍କୁ ଅଟକ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

କଟକ ଅଫିସ,୧।୧୦



ଉତ୍ତରପ୍ରଦେଶ ହାଥରସ୍ ବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ତାଙ୍କ ପରିବାର ସଦସ୍ୟଙ୍କୁ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ଏମ୍‌ପି ରାହୁଲ୍ ଗାନ୍ଧୀ ଏବଂ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭେଟିବାକୁ ଯାଇଥିଲେ। ଏହି ସମୟରେ ଉତ୍ତର ପ୍ରଦେଶ ପୋଲିସ ବଳପୂର୍ବକ ତାଙ୍କୁ ଅଟକାଇଥିଲା। ଏହାଦ୍ୱାରା ବ୍ୟକ୍ତିଗତ ସ୍ୱାଧୀନତାକୁ ସଙ୍କୁଚିତ କରିବା ପାଇଁ କେନ୍ଦ୍ର ସରକାର ଓ ଉତ୍ତର ପ୍ରଦେଶ ସରକାର ଉଦ୍ୟମ କରୁଛି ବୋଲି କଟକ ନଗର ଜିଲା କଂଗ୍ରେସ କମିଟି ଅଭିଯୋଗ ଆଣି ଏହାର ଦୃଢ଼ ନିନ୍ଦା କରିଛି। ଗୁରୁବାର ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ସନ୍ତୋଷ ବଳ, ଆର୍ଯ୍ୟବୀର ଲେଙ୍କା, ଶୈଳବାଳା ଜେନା, ମହମ୍ମଦ୍ ଅଲିମ, ତୃପ୍ତି ଦାସ, ନିରଞ୍ଜନ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୦ହଜାର ଟପିଲା ଆକ୍ରାନ୍ତ ସଂଖ୍ୟା

ଖୋର୍ଦ୍ଧା ଅଫିସ,୧।୧୦

**ଦିନକରେ ୧୩୯ ପଜିଟିଭ୍**



ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗୁରୁବାର ୧୩୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୮୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୮, ବାଲିପାଟଣା ୧୮, ଭୁବନେଶ୍ୱର ବ୍ଲକ ୧୭, ଜଟଣୀ ୧୪, ଖୋର୍ଦ୍ଧା ବ୍ଲକ ୩୩, ବେଗୁନିଆ ୧୫, ଟାଙ୍ଗୀ ୩, ଚିଲିକା୧୨ ଏବଂ ବାଣପୁରରୁ ୯ଜଣ ରହିଛନ୍ତି।

ଅନ୍ୟପଟେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗୁରୁବାର ସୁଦ୍ଧା ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧୨୮ରେ ପହଞ୍ଚିଛି। ୯୦୪୪ଜଣ ସୁସ୍ଥ ହୋଇଥିବା ବେଳେ ୪୧ଜଣଙ୍କ ମୃତ୍ୟୁ ଘଟିଛି। ୧୦୪୩ ଜଣ ସକ୍ରିୟ ରହିଛନ୍ତି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବାଲିଅନ୍ତା ବ୍ଲକରେ ମୋଟ୍ ୯୮୫ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ ୮୯୩, ସକ୍ରିୟ ୯୧ ଓ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ବାଲିପାଟଣାରେ ୬୫୪ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ ୫୬୫ ଓ ସକ୍ରିୟ ୮୯, ଭୁବନେଶ୍ୱର ବ୍ଲକରେ ୮୮୨ ଆକ୍ରାନ୍ତଙ୍କ ମଧ୍ୟରେ ସୁସ୍ଥ ୭୧୪, ସକ୍ରିୟ୧୬୭ ଓ ଜଣଙ୍କର ମୃତ୍ୟୁ ହୋଇଛି। ଜଟଣୀର ୯୬୨ ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ ୮୪୯, ସକ୍ରିୟ୧୦୯ ଓ ୪ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ବ୍ଲକରେ ୧୬୮୩ ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ ୧୪୫୪, ସକ୍ରିୟ୨୧୮ ଏବଂ ୧୧ଜଣଙ୍କ ମୃତ୍ୟୁ ହୋଇଛି। ବେଗୁନିଆର ୭୪୮ ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ ୫୯୧, ସକ୍ରିୟ୧୫୩ ଓ ୪ ମୃତ, ବୋଲଗଡ଼ର ୮୧୨ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ ୭୬୯, ସକ୍ରିୟ ୩୮ଏବଂ ୫ ମୃତ, ଟାଙ୍ଗୀରେ ୯୬୮ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ ୯୨୩, ସକ୍ରିୟ ୪୨ ଓ ୩ ମୃତ, ଚିଲିକାର ୧୨୧୩ ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥ୧୧୪୦, ସକ୍ରିୟ ୬୮ ଓ ୫ ମୃତ, ବାଣପୁରର ୧୨୨୧ଜଣ ଆକ୍ରାନ୍ତଙ୍କ ମଧ୍ୟରେ ସୁସ୍ଥ ୧୧୪୬, ସକ୍ରିୟ ୬୮ ଓ ୭ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି।

## ଖୋର୍ଦ୍ଧା ଉପଖଣ୍ଡରୁ ୨୧.୭ ଲକ୍ଷ ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ,୧।୧୦: ଖୋର୍ଦ୍ଧା ଉପଖଣ୍ଡରେ ଗୁରୁବାର ୩୧ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏପର୍ଯ୍ୟନ୍ତ ଏହି ଉପଖଣ୍ଡରୁ ମୋଟ୍ ୨୧ଲକ୍ଷ ୭ହଜାର ୪୫୦ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ୍ କରି ଜଣାଇଛନ୍ତି। ଗୁରୁବାର ଆଦାୟ ହୋଇଥିବା ଜରିମାନା ମଧ୍ୟରେ ବାଣପୁର ଏନ୍‌ଏସିରୁ ୨୩୦୦ଟଙ୍କା, ବେଗୁନିଆ ତହସିଲ ୨୫୦୦, ବୋଲଗଡ଼ ତହସିଲ ୩୧୦୦, ଖୋର୍ଦ୍ଧା ତହସିଲ ୩୨୦୦, ବାଲୁଗାଁ ଏନ୍‌ଏସି ୩୨୦୦, ଖୋର୍ଦ୍ଧା ପୌରାଞ୍ଚଳ ୩୨୦୦, ବାଣପୁର ତହସିଲ ୪୦୦୦, ଚିଲିକା ତହସିଲ ୪୩୦୦ ଏବଂ ଟାଙ୍ଗୀ ତହସିଲରୁ ୫୧୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପକ୍ଷରେ ବାଣପୁର ଏନ୍‌ଏସିର ୧୦ନଂ. ୱାର୍ଡର ତଳସାହି ୭ଦିନ ଏବଂ ଖୋର୍ଦ୍ଧା ପୌରାଞ୍ଚଳର ୧୬ନଂ. ୱାର୍ଡର ଦେୱାନସାହି(ଗୁରୁଜଙ୍ଗ)କୁ ୧୦ଦିନ ଆବଦ୍ଧାଞ୍ଚଳ କରାଯାଇଥିବା ଉପଜିଲାପାଳ ବେହୁରିଆ କହିଛନ୍ତି।

## ଭୁବନେଶ୍ୱରରେ ୨୨, ୨୩୫ ସଂକ୍ରମିତ

ଭୁବନେଶ୍ୱର, ୧।୧୦ (ବ୍ୟୁରୋ)- ଭୁବନେଶ୍ୱରରୁ ପୁଣି ୩୪୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତ ସଂଖ୍ୟା ୨୨,୨୩୫ ଛୁଇଁଛି। ଏହାବ୍ୟତୀତ ଆଉ ୩ ଜଣଙ୍କର ଜୀବନ ଯାଇଥିବାବେଳେ ୩୩୭ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆ, ଚନ୍ଦ୍ରଶେଖରପୁର ଓ ପୁରୁଣା ଭୁବନେଶ୍ୱରରୁ ୧୩, ଆଇଆରସି ଭିଲେଜ ୧୨, ୟୁନିଟ୍-୯, ଶୈଳଶ୍ରୀ ବିହାର, ଶହୀଦନଗର ଓ ନୟାପଲ୍ଲୀରୁ ୧୦ଜଣ ଲେଖାଏ, ବରମୁଣ୍ଡାରୁ ୮, ଜାଗମରା ଓ ମଞ୍ଚେଶ୍ୱରରୁ ୭ ଜଣ ଲେଖାଏ, ୟୁନିଟ୍-୮, ଖଣ୍ଡଗିରି ଓ ୟୁନିଟ୍-୨ରୁ ୬ ଜଣଙ୍କ ସମେତ ରସୁଲଗଡ଼, ନୀଳାଦ୍ରି ବିହାର ଓ ବଡ଼ଗଡ଼ରୁ ୫ଜଣ, ଗଙ୍ଗନଗର, ଡୁମୁଡୁମା, ଝାରପଡ଼ା, ଚକେଇସିଆଣି, ୟୁନିଟ୍-୩ ଓ ପାତ୍ରପଡ଼ାରୁ ୪ ଜଣ ଏବଂ ବମିଖାଲ ଓ ୟୁନିଟ୍-୬ରୁ ୩ ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ୩୫୩୬ଜଣ ସକ୍ରିୟ ସଂକ୍ରମିତ ଥିବାବେଳେ ମୋଟ ସୁସ୍ଥସଂଖ୍ୟା ୧୮୫୮୫ରେ ପହଞ୍ଚିଛି। ମୋଟ ମୃତ୍ୟୁ ସଂଖ୍ୟା ୯୬କୁ ବୃଦ୍ଧି ପାଇଛି।

